**ପାୱାର ଗ୍ରୀଡ୍‌ରେ ଅଗ୍ନିକାଣ୍ଡ, ଲକ୍ଷାଧିକ ମୂଲ୍ୟର ଯନ୍ତ୍ରାଂଶ ନଷ୍ଟ**

**ରାଉରକେଲା ଅଫିସ:** ସହରର ପାୱାର ହାଉସ ରୋଡ ନିକଟସ୍ଥ ରାଜ୍ୟ ସରକାରଙ୍କ ପାୱାର ଗ୍ରୀଡରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ମୂଲ୍ୟର ଯନ୍ତ୍ରାଂଶ ନଷ୍ଟ ହୋଇଥିବା ଜଣାଯାଇଛି। ଏଥିଯୋଗୁ ସହରର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିବା ଖବର ମିଳିଛି। ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନରେ କୌଣସି କାରଣରୁ ଏହି ଗ୍ରୀଡ ତଥା ଟ୍ରାନ୍ସଫର୍ମରରେ ନିଆଁ ଲାଗି ଯିବା ପରେ ଏହା ବିଭିନ୍ନ ଯନ୍ତ୍ରାଂଶକୁ ବ୍ୟାପିଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏଥିଯୋଗୁ ବହୁ ମୂଲ୍ୟବାନ ଯନ୍ତ୍ରାଂଶ ପୋଡି ଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଗାଡ଼ିରୁ ଖସିପଡ଼ି ମାଲିକ ମୃତ

**ଲହୁଣୀପଡା, ୨୯।୧୨ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ଅନ୍ତର୍ଗତ ବରସୁଆଁ ଟେନସା ୧୬ ନମ୍ବର ଘାଟିରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗାଡ଼ି ମାଲିକ ସମିମ ମିଆଁ (୪୩)। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ହୋଇ ଛତିଶଗଡ ଯାଉଥିବା ଚଉଦ ଚକିଆ ଟ୍ରକ୍ (ନଂ.ସିଜି୦୪ଏଲଏକ୍ସ-୧୫୯୬) ୧୬ ନମ୍ବର ଘାଟି ମୋଡରେ କୌଣସି କାରଣରୁ ହେଲପର ସାଇଡର କବାଟ ଖୋଲିଯାଇଥିଲା। ହେଲପର ସିଟରେ ବସିଥିବା ଗାଡି ମାଲିକ ମିଆଁ ଖସି ପଡିବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଟେନସା ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଲହୁଣୀପଡା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣୀପଡା ପୋଲିସ ମୃତଦେହ ସହିତ ଗାଡି ଜବତ କରି ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପରିବାର ଲୋକେ ପହଞ୍ଚିବା ପରେ ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

**ବଡଗାଁ, ୨୯।୧୨ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁ ନିକଟରେ ମଙ୍ଗଳବାର ୪ଟାରେ କାର ଧକ୍କାରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି । ପେଟଫୋଡ ଗ୍ରାମର ଅଶୋକ ଭୈସାଲ (୩୫) କାରରେ ନିଜ ଗାଁକୁ ଯାଉଥିଲେ। ସ୍କୁଟିରେ ଯାଉଥିବା ଶଙ୍କରାପୋଷ ଗ୍ରାମର ରାଜେନ୍ଦ୍ର ସୁନ୍ୟାନୀ (୩୯)ଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ କାର ଓଲଟିଯାଇଥିଲା । ବଡଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ସୁନ୍ଦରଗଡ ମେଡିକାଲ ପଠାଯାଇଛି ।

### ଡାକ୍ତର ପତିତପାବନଙ୍କ ମୃତ୍ୟୁରେ ଶୋକ

**ବଡଗାଁ, ୨୯।୧୨ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡଗାଁର ବାସିନ୍ଦା ଡାକ୍ତର ପତିତପାବନ ପାଣିଗ୍ରାହୀ(୭୩)ଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି। ସେ ତାଙ୍କ କର୍ମକ୍ଷେତ୍ର ପୁନେ ମହାରାଷ୍ଟ୍ରର ପୱାନ ହସ୍ପିଟାଲରେ ସୋମବାର ରାତି ୧୦ଟାରେ ଦେହାନ୍ତ ଘଟିଛି। ସେ କିଡନି ରୋଗରେ ପୀଡିତ ଥିଲେ। ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗର ପ୍ରଖ୍ୟାତ ଡାକ୍ତର ପାଣିଗ୍ରାହୀ ଦେଶର ବିଭିନ୍ନ ମେଡିକାଲ କଲେଜରେ ପ୍ରଫେସର ଭାବେ ଅବସ୍ଥାପିତ ଥିଲେ । ସ୍ୱର୍ଗତ ଡାକ୍ତର ପତିତପାବନ ବଡଗାଁରେ ପ୍ରାଥମିକ ଶିକ୍ଷା ପରେ ସୁନ୍ଦରଗଡରେ ଉଚ୍ଚ ପ୍ରାଥମିକ ଓ କଲେଜ ଶିକ୍ଷା ଗ୍ରହଣ କରି ବୁର୍ଲାରେ ଡାକ୍ତରୀ ପାଠ ପଢ଼ିଥିଲେ।

### ଆଠମାସ ହେବ ସୋଲାର ଜଳ ପ୍ରକଳ୍ପ ଅଚଳ

**ରିଆମାଳ, ୨୯।୧୨(ଡି.ଏନ.ଏ.):** ଦେବଗଡ ଜିଲା ରିଆମାଳ ବ୍ଲକ ନାଉଲିପଡା ପଞ୍ଚାୟତ ଅନ୍ତର୍ଗତ ଗୋଲାବନ୍ଧ ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଗତ ଆଠମାସ ହେଲା ଅଚଳ ହୋଇପଡିଛି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତ, ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟରେ ଜଣାଇଲେ ମଧ୍ୟ କର୍ଣ୍ଣପାତ କରାଯାଉ ନାହିଁ। ଗାଁରେ ୫ଟି ନଳକୂପ ଥିବାବେଳେ ଦୁଇଟି ଅଚଳ ହୋଇ ପଡିରହିଛି। ଫଳରେ ଗ୍ରାମର ୨୦୦ପରିବାର ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଲୋକ ମହୋତ୍ସବ ପାଇଁ ଜିଲାପାଳଙ୍କୁ ଭେଟିଲେ ସୁନ୍ଦରଗଡ଼ କଳାକାର ମଞ୍ଚ

**ସୁନ୍ଦରଗଡ, ୨୯।୧୨ (ଡି.ଏନ.ଏ.):** ସୁନ୍ଦରଗଡ କଳାକାର ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଜିଲା ସାଂସ୍କୃତିକ ଲୋକ ମହୋତ୍ସବ ଆୟୋଜନ ପାଇଁ ନିବେଦନ କରିଛନ୍ତି । ସେମାନେ ନିବେଦନ ପତ୍ରରେ ଜଣାଇଛନ୍ତି ଯେ, ପ୍ରତିବର୍ଷ ସୁନ୍ଦରଗଡବାସୀ ଜିଲା ସାଂସ୍କୃତିକ ଲୋକମହୋତ୍ସବ ଯତ୍‌ରାକୁ ଅପେକ୍ଷା କରିଥାନ୍ତି। ଚଳିତବର୍ଷ କରୋନା ମହାମାରୀ ଯୋଗୁ କଳାକାରମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ଏହି ମହୋତ୍ସବ କିଛି ମାତ୍ରାରେ ତାଙ୍କୁ ଆଶ୍ୱସ୍ତି ଦେଇପାରିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। କଳାକାର ମଞ୍ଚର ପ୍ରତିନିଧି ମଣ୍ଡଳୀରେ ରଞ୍ଜିତ୍ ପ୍ରସାଦ, ମନୋଜ ସାହୁ, ଉଦ୍ଧବ ଭିତ୍ରିଆ, ପ୍ରିୟଙ୍କା ଜେନା, ରୋଶନ ସାହୁ, ବିବେକ ନାଏକ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ।

# କମ୍ ମୂଲ୍ୟରେ ପାଇଲେ ତୃତୀୟ ବିଡର

**ନାକଟିଦେଉଳ ତହସିଲ**
■ପଥରଖାଦାନ ନିଲାମରେ ଚଞ୍ଚକତା

**ସମ୍ବଲପୁର,୨୯।୧୨(ବ୍ୟୁରୋ)**

ସରକାରଙ୍କ ପ୍ରମୁଖ ରାଜସ୍ୱ ଆଦାୟ ମାଧ୍ୟମ ହେଉଛି ପଥର, ବାଲି, ମାଟି ଭଳି ସୈରାତ। ଏସବୁର ଟେଣ୍ଡର ହେଉଥିଲେ ମଧ୍ୟ ବିଭାଗର କେତେଜଣ ଅଧିକାରୀ ଓଡ଼ିଶା ମାଇନିଂ ନିୟମ ବାହାରକୁ ଯାଇ ମନଇଚ୍ଛା ଲିଜ୍ ଦେଉଛନ୍ତି। ନାକଟିଦେଉଳ ତହସିଲ ଅଧୀନ ପଥରଖାଦାନ ଟେଣ୍ଡର ପ୍ରକ୍ରିୟାରେ ଏଭଳି ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଟେଣ୍ଡରରେ ସାମିଲ ସାରିକା ଅଗ୍ରୱାଲ ଏ ନେଇ ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ନାକଟିଦେଉଳ ତହସିଲର ତଣ୍ଡାବିରା ପଥରଖାଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମୋଟ ୧୨ ଏକର ୫୦ ଡେସିମିଲ ଜମିରେ ପଥରଖାଦାନ ରହିଛି। ଓଡ଼ିଶା ମାଇନିଂ ନିୟମ ଅନୁସାରେ ସମସ୍ତ କାଗଜପତ୍ର ଦାଖଲ କରାଯାଇଥିଲା। ପ୍ରତିବର୍ଷ ଏକହଜାର କ୍ୟୁବିକ୍ ମିଟର ହିସାବରେ ୫ ହଜାର କ୍ୟୁବିକ୍ ମିଟର ଉତ୍ତୋଳନ ପାଇଁ ଉଲ୍ଲେଖ ରହିଥିଲା। ମୋର ପ୍ରତି କ୍ୟୁବିକ୍ ମିଟର ୧୫୧ ଟଙ୍କା ରହିଥିଲା। ଦ୍ୱିତୀୟ ବିଡର ମୁରାରୀ ଲାଲ ଅଗ୍ରୱାଲଙ୍କ ୭୫ ଟଙ୍କା ଓ ତୃତୀୟ ବିଡର ରାକେଶ ପ୍ରଧାନଙ୍କ ୭୨ ଟଙ୍କା ରହିଥିଲା। ହେଲେ ପାନ୍ କାର୍ଡ ଦେଇ ନ ଥିବା ଦର୍ଶାଇ ଟେଣ୍ଡରରୁ ବାଦ୍ ଦିଆଯାଇଥିଲା। ତୃତୀୟ ବିଡର ପ୍ରଧାନଙ୍କୁ ଚୟନ କରାଯାଇଥିଲା। ରାଜନେତାଙ୍କ ହସ୍ତକ୍ଷେପରେ କମ୍ ମୂଲ୍ୟରେ ତୃତୀୟ ବିଡରଙ୍କୁ ନିଲାମ ଦିଆଯାଇଛି। ଫଳରେ ପ୍ରତି କ୍ୟୁବିକ୍ ମିଟରରେ ୭୯ ଟଙ୍କା ସରକାରଙ୍କ ରାଜସ୍ୱ କ୍ଷତି ହେବ। ପାନ୍ କାର୍ଡ ନ ଥିବା ନେଇ ସୂଚନା ଦିଆଯାଇ ନ ଥିଲା। ଆଇଟି ରିଟର୍ନ ଦାଖଲ କରୁଥିବା ନକଲ ଦିଆଯାଇଥିଲା। ଓଡ଼ିଶା ମାଇନିଂ ନିୟମ ୨୦୧୬ ଅନୁସାରେ ଆବଶ୍ୟକ କାଗଜପତ୍ର ଦାଖଲ କରାଯାଇଥିଲା। ଯଦି ଅନ୍ୟ କାଗଜପତ୍ର ଆବଶ୍ୟକ, ତେବେ ବିଡରଙ୍କୁ ଦାଖଲ କରିବା ପାଇଁ ସମୟ ଦେବା କଥା। ହେଲେ ତହସିଲଦାର ମନଇଚ୍ଛା ସ୍ଥାନୀୟ ଲୋକଙ୍କୁ ଲିଜ୍‌ରେ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ନେଇ ନାକଟିଦେଉଳ ତହସିଲଦାର ସୁକାନ୍ତ ନାଏକ କହିଛନ୍ତି, ତାଙ୍କର ଅଧିକ ମୂଲ୍ୟ ରହିଥିଲା। ହେଲେ ଆବଶ୍ୟକ କେତେକ ଡକ୍ୟୁମେଣ୍ଟ ଦେଇ ନ ଥିଲେ। ତେଣୁ କମିଟି ତାଙ୍କ ଆବେଦନ ଗ୍ରହଣ କରି ନ ଥିଲା। ତୃତୀୟ ବିଡରଙ୍କୁ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି କହିଥିଲେ।

# ଏନ୍‌ଟିପିସି ନିର୍ଦ୍ଦେଶକଙ୍କ ଦୁଲିଙ୍ଗା କୋଇଲା ଖଣି ଅଞ୍ଚଳ ପରିଦର୍ଶନ


ଏନ୍‌ଟିପିସି ନିର୍ଦ୍ଦେଶକ ଖଣି ଅଞ୍ଚଳ ପରିଦର୍ଶନ ବେଳେ ଅନ୍ୟ କର୍ମଚାରୀ ଉପସ୍ଥିତ ।

**ସୁନ୍ଦରଗଡ/ହେମଗିର, ୨୯।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଏନଟିପିସି ଦୁଲିଙ୍ଗା କୋଇଲା ଖଣି ପ୍ରକଳ୍ପକୁ ଏନଟିପିସି ବାଣିଜ୍ୟିକ ନିର୍ଦ୍ଦେଶକ ସି.କେ. ମଣ୍ଡଳ ସୋମବାର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଖଣି ମୁଖ୍ୟ ସାରିପୁତ୍ତ ମିଶ୍ର, ଦର୍ଲିପାଲି ତାପଜ ବିଦ୍ୟୁତ୍ କେନ୍ଦ୍ରର ମୁଖ୍ୟ ସୁନୀଲ କୁମାର ସତ୍ୟ ଉପସ୍ଥିତ ଥିଲେ। ସେମାନେ ପ୍ରଥମେ ଏନଟିପିସିର ଖପୁରିକଛାରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ଡିଜିଏମ୍ ଚିତ୍ତରଞ୍ଜନ ବାରିକ ଓ ଅନ୍ୟ ପଦାଧିକାରୀମାନେ ସ୍ୱାଗତ କରିଥିଲେ। ଏକ ସମୀକ୍ଷା ବୈଠକରେ କୋଇଲା ଖଣି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରି ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ବିସ୍ଥାପିତ କଲୋନୀରେ ପହଞ୍ଚି ସେଠାରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ, ଡାକଘର, ଟ୍ରାଇବାଲ ସେଣ୍ଟର ଆଦି ଲୋକାର୍ପଣ କରିଥିଲେ। ଏତଦ୍ ବ୍ୟତୀତ ବିସ୍ଥାପିତ ମହିଳାମାନଙ୍କ ପାଇଁ ସିଲେଇ ପ୍ରଶିକ୍ଷଣର ମଧ୍ୟ ଶୁଭାରମ୍ଭ କରିଥିଲେ। ବିସ୍ଥାପିତ ହେବା ପରେ ଲୋକଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବା ପାଇଁ କମ୍ପାନୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏକ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିଥିଲେ। ସେଥିରେ ମଝାପଡା ଗ୍ରାମର ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମସଲା ସାମଗ୍ରୀ ପ୍ରଦର୍ଶିତ କରାଯାଇ ଥିବା ବେଳେ ଛତୁ ଚାଷ ଓ ଏହାର ବଜାର ସୁବିଧା ଉପରେ ମଧ୍ୟ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ କୋଇଲା ଖଣିର ସିନିୟର ମ୍ୟାନେଜର ଅମରେଶ ରାଉଳ, ଅରିନ୍ଦମ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ସାହୁ, ହେମଗିର ବ୍ଲକ ଉପାଧ୍ୟକ୍ଷ ସୁରଥ କୁମାର ପ୍ରଧାନ, ସାନଘୁମୁଡା ସରପଞ୍ଚ ରେବତୀ ଛତ୍ରିଆ, କନକତୁରା ସରପଞ୍ଚ କଳାବତୀ ମାଝି, ହୃଷିକେଶ ପ୍ରଧାନ, ଶ୍ରୀମଦ୍ ଖର୍ସାଏଲ, ଲଳିତ ବିଶ୍ୱାଳ, ଭୁବନେଶ୍ୱର ମାଝିଙ୍କ ସମେତ ବହୁ ବିସ୍ଥାପିତ ମହିଳା,ପୁରୁଷ ଉପସ୍ଥିତ ଥିଲେ ।

# ଶିକ୍ଷା ପଦ୍ଧତି ନୂତନ ଯୁଗାରମ୍ଭକୁ ଦୋହରାଇଛି



ଉତ୍ସବରେ ମଞ୍ଚାସୀନ ଅତିଥି।

**ଓଏସ୍‌ଓୟୁର ସମାବର୍ତ୍ତନ ଉତ୍ସବ**

**ସମ୍ବଲପୁର,୨୯।୧୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର ୪ର୍ଥ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରାମ ଜି ତକୱାଲେ ଭର୍ଚୁଆଲରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଶିକ୍ଷା ପଦ୍ଧତି ଏକ ନୂତନ ଯୁଗାରମ୍ଭକୁ ଦୋହରାଇଛି। ଏଥିପାଇଁ ନବସୃଜନ, ସୃଷ୍ଟି ଓ ମାନବବାଦର ଉଚ୍ଚ ମୂଲ୍ୟବୋଧକୁ ଧ୍ୟାନ ଦିଅ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆରମ୍ଭରେ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରିବା ସମୟର କଥାକୁ ମନେଇ ପକାଇଥିଲେ। କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରି ଛାତ୍ରୀଛାତ୍ର ଓ ଅତିଥିମାନଙ୍କୁ ସମ୍ବୋଧିତ କରିଥିଲେ। ୨୦୧୫ରୁ ଏପର୍ଯ୍ୟନ୍ତ ସେ ତାଙ୍କର ଉପଲବ୍ଧି ବିଷୟରେ ବର୍ଣ୍ଣନା କରିଥିଲେ। ଓଏସ୍‌ଓୟୁ ମୁଖ୍ୟତଃ ଓଡ଼ିଶାର ସାମାଜିକ ତଥା ଆର୍ଥନୀତିକ ଦୃଷ୍ଟିକୋଣରୁ ଉପେକ୍ଷିତମାନଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହୋଇପାରିଛି। ଉଭୟ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଉଚ୍ଚଶିକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ଏକ ବିଶ୍ୱସନୀୟ ଉତ୍ସ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ବୋର୍ଡ, ଏକାଡେମିକ୍ କାଉନସିଲ୍, ବିଶ୍ୱବିଦ୍ୟାଳୟ ଯୋଜନା ବୋର୍ଡର ସଦସ୍ୟ, ପରାମର୍ଶଦାତା, କର୍ମଚାରୀ, ସ୍ୱର୍ଣ୍ଣପଦକ ବିଜେତାମାନେ ଉପସ୍ଥିତ ଥିଲେ। ଉତ୍ସବରେ ୧୫୨୧ ଶିକ୍ଷାର୍ଥୀଙ୍କୁ ଡିଗ୍ରୀ ଓ ଡିପ୍ଲୋମା ପ୍ରଦାନ କରାଯାଇଥିଲା। ୨୬ଜଣ ଛାତ୍ରୀଛାତ୍ର ସମ୍ମାନଜନକ ସ୍ୱର୍ଣ୍ଣପଦକ ପାଇଥିଲେ।

### କୋଭିଡ୍ ଟେଷ୍ଟ ପରେ ଭିମ୍‌ସାରକୁ ପଠାଅ

**ଜିଲାପାଳମାନଙ୍କୁ ଆରଡିସିଙ୍କ ନିର୍ଦ୍ଦେଶ**

**ସମ୍ବଲପୁର,୨୯।୧୨ (ବ୍ୟୁରୋ)**

ନିଜ ଜିଲାର ଡାକ୍ତରଖାନାରେ ସମସ୍ତ ରୋଗୀଙ୍କ କୋଭିଡ୍ ଟେଷ୍ଟ କର। ପଜିଟିଭ୍ ଥିଲେ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ଭିମ୍‌ସାରକୁ ସ୍ଥାନାନ୍ତରିତ କର। ରୋଗୀ ଗୁରୁତର ନ ଥିଲେ ନିଜ ଜିଲାରେ ଚିକିତ୍ସା କରାଯିବାକୁ ଚେଷ୍ଟା କର। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ମଙ୍ଗଳବାର ୭ ଜିଲାପାଳଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଭିମ୍‌ସାର କୋଭିଡ୍ ହସ୍ପିଟାଲରେ ଗତ କିଛି ଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଭିନ୍ନ ରୋଗ ନେଇ ଭିମ୍‌ସାରକୁ ଆସୁଥିବା ରୋଗୀ କରୋନା ପଜିଟିଭ ଚିହ୍ନଟ ପରେ ସେମାନଙ୍କୁ ବୁର୍ଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ବେଡ୍ ଅଭାବ ଓ ଚିକିତ୍ସାରେ ମଧ ସମସ୍ୟା ଉପୁଜିବାର ଆଶା ରହୁଛି। ଏଭଳି ସ୍ଥିତିରେ କେବଳ ହସ୍ପିଟାଲ ଚିକିତ୍ସା ଜରୁରୀ ଥିବା ରୋଗୀଙ୍କୁ ହିଁ ଭର୍ତ୍ତି କରିବାକୁ ପଡିବ। ସୁନ୍ଦରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ଦେବଗଡ ଜିଲାର ଜିଲାପାଳଙ୍କୁ ଆର୍‌ଡିସି ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

# ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଛାତ୍ରୀଛାତ୍ର

**ସମ୍ବଲପୁର, ୨୯।୧୨ (ବ୍ୟୁରୋ)**


ସମ୍ବଲପୁର ସିଏସ୍‌ବି ଜିଲା ସ୍କୁଲ ଆଗରେ ଆୟୋଜିତ ପଥପ୍ରାନ୍ତ ସଭା ।

ସରକାରୀ ସ୍କୁଲଗୁଡିକରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ ପଢ଼ାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂରକ୍ଷଣ ଘୋଷଣା କରିଛନ୍ତି। ଏହାକୁ ନେଇ ସୋମବାର ସମ୍ବଲପୁର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସନ୍ଧ୍ୟା ୬ଟାରେ ଚନ୍ଦ୍ରଶେଖର ବେହେରା (ସିଏସ୍‌ବି) ଜିଲା ସ୍କୁଲ ମୁଖ୍ୟ ଫାଟକରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ବିଜେଡି ନେତା ଓ କର୍ମୀମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ସିଏସ୍‌ବି ଜିଲା ସ୍କୁଲ ନବମ ଶ୍ରେଣୀ ଛାତ୍ର ମହମ୍ମଦ ଇରଫାନ୍, ବୁଢ଼ାରଜା ହାଇସ୍କୁଲ ନବମ ଶ୍ରେଣୀ ଛାତ୍ର ଚିରଞ୍ଜୀବ ସାହୁ, ଲେଡି ଲୁଇସ ଗାର୍ଲ୍ସ ହାଇସ୍କୁଲ ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ, ବୁଢ଼ାରଜା ହାଇସ୍କୁଲ ଶିକ୍ଷକ ପ୍ରଦୀପ ସାହୁ ଆୟୋଜିତ ପଥପ୍ରାନ୍ତ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଭୂୟଶୀ ପ୍ରଶଂସା କରିଛନ୍ତି। ଏହି ସଭାରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ଓ ବରଗଡ ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ସମ୍ବଲପୁର ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାଶ, ରାଜ୍ୟ ଯୁଗ୍ମ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରମୁଖ ସାମିଲ ଥିଲେ।

### ପୋଲିସ ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଲଖନପୁର,୨୯।୧୨(ଡି.ଏନ୍.ଏ.)**

ବେଲପାହାଡ ଥାନା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇ ବୁର୍ଲା ଭିଏସ୍‌ଏସ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆହତ ଜଣଙ୍କ ହେଲେ ଲଖନପୁର ଗ୍ରାମର ଜଗନ୍ନାଥ ପ୍ରଧାନ(୫୪)। ଝିଅର ନିର୍ବନ୍ଧ ଥିବାରୁ ଶଳା ସହ ମିଶି ଜଗନ୍ନାଥ ବାଇକ୍‌ରେ ମାର୍କେଟିଂ କରିବା ପାଇଁ ବେଲପାହାଡ ଆସିଥିଲେ। କାମସାରି ଫେରୁଥିବାବେଳେ ଲିଲାରୀ ଜୋର ନିକଟରେ ବେଲପାହାଡ ଥାନା ଗାଡି ପଛରୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ଜଗନ୍ନାଥ ତଳେ ପଡ଼ିଯାଇଥିଲେ। ତାଙ୍କ ଗୋଡ ଭାଙ୍ଗିଯାଇଥିଲା। ପୋଲିସ୍ ଗାଡିରେ ତାଙ୍କୁ ବେଲପାହାଡ ଟାଟାକ୍ରୋସାକୀ ହସ୍‌ପିଟାଲ୍‌କୁ ଅଣାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଥାନା ପୋଲିସ୍ ତରଫରୁ ଆହତଙ୍କୁ ଚିକିତ୍ସା କରାଯାଉଛି। ଥାନା ଆଇଆଇସି ରଶ୍ମିତା ବେହେରା ମେଡିକାଲ୍‌କୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ଏକାଧିକ ବିବାହ ମହଙ୍ଗା ପଡ଼ିଲା

**ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ଜେଲଗଲେ ସ୍ୱାମୀ**

**ଦେବଗଡ଼,୨୯।୧୨(ଡି.ଏନ.ଏ)**


ଗିରଫ ଅଲେଖ ଦେହୁରୀ।

ଏକାଧିକ ମହିଳାଙ୍କୁ ବିବାହ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ଦେବଗଡ ଜିଲା ବାରକୋଟ ଥାନା ଅଞ୍ଚଳରେ ଏହିଭଳି ଏକ ଘଟଣା ଘଟିଛି। ଗିରଫ ହୋଇଛନ୍ତି ଥାନା ଅନ୍ତର୍ଗତ ଟାଇଁସିରା ଗ୍ରାମର ଅଲେଖ ଦେହୁରୀ(୪୦)। ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଛି। ଖବରମୁତାବକ ପ୍ରାୟ ୧୮ବର୍ଷ ତଳେ ଅଲେଖ ଅନୁଗୋଳ ତନୁଗୁଳା ଗ୍ରାମର ଜଣେ ଯୁବତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଗୋଟିଏ ୧୬ବର୍ଷର ପୁଅ ରହିଛି। ତେବେ ୨ବର୍ଷ ତଳେ ସେ ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ । ହେଲେ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ନଅଦିନ ତଳେ ସେ କେନ୍ଦୁଝର ଜିଲା ବାଂଶପାଳ ଥାନା ଅଞ୍ଚଳର ୨ଜଣ ଯୁବତୀଙ୍କୁ ତୃତୀୟ ଏବଂ ଚତୁର୍ଥ ସ୍ତ୍ରୀ ଭାବେ ଘରକୁ ଆଣିଲେ । ଏନେଇ ପ୍ରଥମ ସ୍ତ୍ରୀ ଅମୃତି ପ୍ରତିବାଦ କରିବା ପରେ ଅଲେଖ ତାଙ୍କୁ ମାଡ ମାରିଥିଲେ । ଅମୃତି ଏ ସମ୍ପର୍କରେ ଗାଁ କମିଟି ଓ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଜଣାଇବା ସହ ନ୍ୟାୟ ପାଇବା ପାଇଁ ସହଯୋଗ ଲୋଡିଥିଲେ। ପରେ ସେମାନଙ୍କ ପରାମର୍ଶରେ ସେ ଏ ନେଇ ବାରକୋଟ ଥାନାରେ ରବିବାର ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଅଲେଖଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ମଙ୍ଗଳବାର ତାକୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

### କ୍ରିକେଟ ଟୁର୍ନାମେଣ୍ଟ: ନିକ୍ରିମାଳ ଚାମ୍ପିୟନ

**ଦେବଗଡ଼,୨୯।୧୨(ଡି.ଏନ.ଏ.):** ଦେବଗଡ ଜିଲା ତିଲେଇବଣୀ ବ୍ଲକ କୁରଡ ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାରକୋଟ କ୍ରିକେଟ କ୍ଲବ ଓ ନିକ୍ରିମାଳ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ନିକ୍ରିମାଳ କ୍ରିକେଟ କ୍ଲବ ୫ ଉଇକେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବାରକୋଟ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୮୫ ରନ ସଂଗ୍ରହ କରିଥିଲା। ଜବାବରେ ନିକ୍ରିମାଳ କ୍ରିକେଟ କ୍ଲବ ୫ଉଇକେଟ ହରାଇ ୮୬ ରନ କରି ବିଜୟୀ ହୋଇଥିଲା।

### ରେଳ ସୁରକ୍ଷା ଆୟୁକ୍ତଙ୍କ ଦୋହରୀକରଣ କାର୍ଯ୍ୟ ନିରୀକ୍ଷଣ

**ସମ୍ବଲପୁର, ୨୯।୧୨ (ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ସମ୍ବଲପୁର- ଅନୁଗୋଳ ସେକ୍ସନ୍‌ରେ ଦୋହରୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ ଚାଲିଛି। ମଙ୍ଗଳବାର ମୁଖ୍ୟ ରେଳ ସୁରକ୍ଷା ଆୟୁକ୍ତ ଶୈଳେଶ କୁମାର ପାଠକ ଏହି ସେକ୍ସନର କେରାଜଙ୍ଗା- ଅନୁଗୋଳ ଷ୍ଟେଶନ ମଧ୍ୟରେ ଚାଲିଥିବା କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ନିରାପତ୍ତା ଭିତ୍ତିକ କାର୍ଯ୍ୟ, ଓଭରହେଡ୍ ଉପକରଣ, ପୋଲ, ମାନବଯୁକ୍ତ ରେଳଫାଟକ, ସଙ୍କେତ ଓ ଦୂରସଞ୍ଚାର ଉପକରଣ, ରେଳ ଧାରଣା ପ୍ରଭୃତିକୁ ନିରୀକ୍ଷଣ କରିବା ସହ ସ୍ପିଡ୍ ଟ୍ରାଏଲ କରିଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏସ୍.କେ. ସିଂ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମାଣ ବିଭାଗ ଡି.ପି. ଲାଲ, ସମ୍ବଲପୁର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଏ.ଏସ୍. ଓବରାୟ ପ୍ରମୁଖ ଉପସ୍ଥିତ ଥିଲେ।


ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ମୁଖ୍ୟ ରେଳ ସୁରକ୍ଷା ଆୟୁକ୍ତ।

# ପଶ୍ଚିମ ଓଡ଼ିଶାର ୧୪ ହଜାର ଗ୍ରାମକୁ ଯିବ ଭିଏଚ୍‌ପି

**ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ**

**ସମ୍ବଲପୁର,୨୯।୧୨(ବ୍ୟୁରୋ)**


ବିଶ୍ୱ ହିନ୍ଦୁ ପରିଷଦର ପୂର୍ବଜୋନ ସଂଗଠନ ସମ୍ପାଦକ ସପନ ମୁଖାର୍ଜୀ ସୂଚନା ଦେଉଛନ୍ତି।

ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଭବ୍ୟ ମନ୍ଦିର କେବଳ ସୌଧ ନୁହେଁ, ଏହା ଲୋକଙ୍କ ଆସ୍ଥା, ବିଶ୍ୱାସ, ସ୍ୱାଭିମାନ ଓ ରାଷ୍ଟ୍ରୀୟ ଏକତାର ପରିଚୟ ହେବ। ସୋମବାର କଂସାରୀପଡ଼ା କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବ ଜୋନ ସଂଗଠନ ସମ୍ପାଦକ ସପନ ମୁଖାର୍ଜୀ ଏହା କହିଛନ୍ତି। ସେ କହିଥିଲେ, ୧୫୨୮ରେ ଆକ୍ରମଣକାରୀ ଅଯୋଧ୍ୟାରେ ମନ୍ଦିର ପରିବର୍ତ୍ତନ କରି ଭିନ୍ନ ଢ଼ାଞ୍ଚା ତିଆରି କରିଥିଲେ। ସେହି ସମୟରୁ ଏହା ବିରୋଧରେ ଆନ୍ଦୋଳନ ହୋଇଆସୁଛି। ସନ୍ଥମାନଙ୍କ ପ୍ରସ୍ତାବ କ୍ରମେ ୧୯୮୨ରୁ ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ଲାଗି ପରିଷଦ ଜନଜାଗରଣ ସୃଷ୍ଟି କରିଆସୁଛି। ୭୦ବର୍ଷ ଧରି ଅଯୋଧ୍ୟା ଲାଗି ଚାଲିଥିବା ବିଭିନ୍ନ ମକଦ୍ଦମାକୁ ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ଶୁଣାଣି କରି ୭୦ ଏକର ଜମିରେ ମନ୍ଦିର ପାଇଁ ଟ୍ରଷ୍ଟ ଗଠନ କରିବାକୁ କହିଥିଲେ। କେନ୍ଦ୍ର ସରକାର ଚଳିତବର୍ଷ ଫେବୃୟାରୀ ୫ରେ ୧୫ ଜଣିଆ ଟ୍ରଷ୍ଟ ଗଠନ କରିଛନ୍ତି। ଅଗଷ୍ଟରେ ନିର୍ମାଣ ପାଇଁ ଭୂମିପୂଜା କରାଯାଇଥିଲା। ୧୬୧ ଫୁଟ ଉଚ୍ଚ ଓ ୩ ମହଲା ବିଶିଷ୍ଟ ଏହି ମନ୍ଦିର କେବଳ ପଥରରେ ନିର୍ମାଣ କରାଯିବ। ପୂର୍ବରୁ ପଥର କାମ ଜାରି ରହିଥିବା ବେଳେ ଏବେ ଭୂମି ସମତଳ କରାଯାଉଛି। ୨ ଏକର ୭ ଡେସିମିଲ ପରିମିତ ଜମିରେ ମନ୍ଦିର ଓ ଅନ୍ୟ ଜମିରେ ଧର୍ମଶାଳା, ଗୋଶାଳା, ସନ୍ଥମାନଙ୍କ ଆଶ୍ରମ ଓ ସଂଗ୍ରହାଳୟ ନିର୍ମାଣ କରାଯିବ। ଦେଶର ପ୍ରତି ଗ୍ରାମ ଓ ପରିବାରରେ ପହଞ୍ଚି ଲୋକଙ୍କୁ ଜାଗ୍ରତ କରାଯିବା ସହ ସହଯୋଗ ସକାଶେ ଜନସମ୍ପର୍କ ଅଭିଯାନ ଆରମ୍ଭ ହେବ। ପଶ୍ଚିମ ଓଡ଼ିଶାରେ ମଧ ଶ୍ରୀରାମ ମନ୍ଦିର ନିଧି ସମର୍ପଣ ସମିତି ପକ୍ଷରୁ ୧୪ ହଜାର ଗ୍ରାମର ୧୬ ଲକ୍ଷ ପରିବାର ସହ ସମ୍ପର୍କ କରାଯିବ। ଜାତି, ବର୍ଣ୍ଣ ଓ ଶ୍ରେଣୀ ନିର୍ବିଶେଷରେ ସହଯୋଗ ସଂଗ୍ରହ ପାଇଁ ଯୋଜନା କରାଯାଇଛି। ଅଭିଯାନ ଆସନ୍ତା ଜାନୁୟାରୀ ୨୫ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଚାଲିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ, କୋଷାଧ୍ୟକ୍ଷ ରାଜୀବ କୁମାର ଶତପଥୀ, ସୁଧୀର ରଞ୍ଜନ ବହିଦାର ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ଡିସେମ୍ବର, ୨୦୨୦



## ସ୍ପିଡ୍ ବ୍ରେକର ନିର୍ମାଣ ଦାବିରେ ମହିଳାଙ୍କ ରାସ୍ତା ଅବରୋଧ

ଭବାନୀପାଟଣା,(ଡି.ଏନ.ଏ.): ଭବାନୀପାଟଣାରୁ ଥୁଆମୂଳ ରାମପୁର ରାଜ୍ୟ ରାଜପଥ ୪୪ ଅଟାଙ୍ଗଗୁଡା ରାସ୍ତାରେ ସବୁବେଳେ ଦୁର୍ଘଟଣା ଘଟୁଥିଲେ ବି ପୋଲିସ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଅକାଳରେ ଅନେକଙ୍କ ଜୀବନ ଯାଉଛି। ସଡକ ସୁରକ୍ଷା ଜୀବନ ରକ୍ଷା କହୁଥିଲେ ବି ଏଠି ସବୁବେଳେ ଜୀବନ ଯାଉଛି। ମଙ୍ଗଳବାର ସକାଳୁ ଅଟାଙ୍ଗଗୁଡା ଚାରିଛକଠାରେ ସ୍ଥାନୀୟ ଏସ୍ଏଚ୍‌ଜି ମହିଳାମାନେ ରାସ୍ତା ଅବରୋଧ କରିଥିଲେ। ସ୍ପିଡ୍ ବ୍ରେକର ଦେବା ସହ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଭବାନୀପାଟଣା ତହସିଲଦାର କ୍ଷୀରୋଦ ଭରତ ନାଗ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲେ।

## ସଂକ୍ଷେପରେ

### ଦୃଷ୍ଟିହୀନ ସେବା ସଂଘର ବିକାଶ ଉତ୍ସବ

ଖଡିଆଳ, ୨୯।୧୨ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ବିଜେପୁର ଗ୍ରାମରେ ଥିବା ଦୃଷ୍ଟିହୀନ ସେବା ସଂଘର ପଞ୍ଚବାର୍ଷିକ ବିକାଶ ସଂଘର ପଞ୍ଚବାର୍ଷିକୀ ବିକାଶ ଉତ୍ସବ ସମ୍ପନ୍ନ ହୋଇଯାଇଛି। ଏଥିରେ ଦୃଷ୍ଟିହୀନ ସେବା ସଂଘ ସଭାପତି ଭାଲେଶ୍ୱର ମାଝି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ବିଜେଡି ଜିଲା ସଭାପତି ମନୋଜ ମିଶ୍ର, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଧର ନିଆଲ, ସିନାପାଲି ବ୍ଲକ ବିଜେଡି ସଭାପତି ପ୍ରଦୀପ ପ୍ରଧାନ, ଖଡିଆଳ ଏନ୍ଏସିର ପୂର୍ବତନ ନଗରପାଳିକା ଖୋଲଣା ବେହେରା, ସାମାଜିକ କର୍ମୀ ଜିତେନ୍ଦ୍ରନାଥ ପଟ୍ଟନାୟକ, ସୁରେନ୍ଦ୍ର କୁମାର, ମୋତିଲାଲ ବାଗ, ମୂରଲୀଧର ଭୋଇ, ବିଜୁ କଟା ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ସମ୍ପାଦକ ଭାବେଶ ନିଆଲ, ମାୟାଧର ଶବର, ମଞ୍ଜୁରାଣୀ, ବ୍ରହ୍ମାନନ୍ଦ ରଣା ପ୍ରମୁଖ ସହଯୋଗ କରିଥିଲେ।

### ତିତକେଲା ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପଲମ, ୨୯।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ତିତକେଲା ଗ୍ରାମରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ତିତକେଲା ଗ୍ରାମର ବିଣାପାଣି କ୍ଲବଙ୍କ ସହାୟତାରେ ପ୍ରଥମ ପର୍ଯ୍ୟାୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାସ୍ତା ଦୁଇ କଡ ଓ ସ୍ଥାନୀୟ ସ୍କୁଲ ପରିସର ସଫା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ତିତକେଲା ବିଣାପାଣି କ୍ଲବର ସମ୍ପାଦକ ପରେଶ ଗହିର ଏବଂ କ୍ଲବର ସଭ୍ୟ ହର୍ଷବର୍ଦ୍ଧନ ବିଶ୍ୱାଳ, ଉତ୍ତମ ବିଶ୍ୱାଳ, ଅସମାନ ବାରିକ, ଆକାଶ ବାରିକ, ଆଦର୍ଶ ବିଶ୍ୱାଳ ଓ ନେହେରୁ ଯୁବ କେନ୍ଦ୍ରର ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ ଓ ସଂଘର ୩୫ଜଣ ସଭ୍ୟ ଯୋଗଦାନ କରିଥିଲେ।

### କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗୀର ଅଫିସ,୨୯।୧୨: ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସର ୧୩୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଥିଲା। ପିସିସି ପ୍ରବକ୍ତା ସମରେନ୍ଦ୍ର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଅଖଣ୍ଡ ଭାରତବର୍ଷ ନିର୍ମାଣରେ କଂଗ୍ରେସର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ବରିଷ୍ଠ ନେତା ଅଶୋକ ନନ୍ଦ, ଜିଲା କିଷାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ, ସେବାଦଳ ଅଧକ୍ଷ ଅସିତ୍ ମିଶ୍ର, ନାରୀନେତ୍ରୀ ମିଲନୀ ସାହୁ ଓ ଛାତ୍ରନେତା ଅଙ୍କିତ ସାହୁ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ।

### ମିନି ଷ୍ଟାଡିୟମ ନିର୍ମାଣରେ ବିଳମ୍ବ

ପଲମ, ୨୯।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ହାଇସ୍କୁଲ ଓ କଲେଜ ପାଖରେ ଥିବା ଖେଳ ପଡିଆରେ ମିନି ଷ୍ଟାଡିୟମ ହେବା ପାଇଁ ସ୍ଥିର ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ରାଜ୍ୟ ସରକାର ୨୦୧୬-୧୭ରେ ପ୍ରତି ବ୍ଲକରେ ଗୋଟାଏ ଲେଖାଏଁ ମିନି ଷ୍ଟାଡିୟମ ହେବା ପାଇଁ ଘୋଷଣା ହୋଇଥିଲେ। ଆଜି ପର୍ଯ୍ୟନ୍ତ ଉକ୍ତ ଖେଳ ପଡିଆରେ ଷ୍ଟାଡିୟମ ହୋଇପାରି ନାହିଁ। ଫଳରେ କ୍ରୀଡାବିତମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଘୋଷଣା ହେବା ୩ ବର୍ଷ ବିତିଯାଇଥିଲେ ମଧ ନର୍ଲା ବ୍ଲକରେ ଟେଣ୍ଡର କାମ ପ୍ରକ୍ରିୟା ହୋଇପାରୁ ନାହିଁ। ଏହି ବାବଦରେ ନର୍ଲା ବିଡିଓ ବ୍ୟାସଦେବ ବେହେରାଙ୍କୁ ପଚାରି ବୁଝିବାରେ ସେ କହନ୍ତି କି ଏଷ୍ଟିମେଣ୍ଟ କରି ଫାଇଲ ଡିଆଇଡିଙ୍କୁ ପଠା ଯାଇଛି। ମଞ୍ଜୁର ହୋଇ ଆସିନାହିଁ, ମଞ୍ଜୁର ହୋଇ ଆସିଲେ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ।

### ବ୍ଲକସ୍ତରୀୟ ଯାଦବ ସମ୍ମିଳନୀ

ବଲାଙ୍ଗୀର ଅଫିସ, ୨୯।୧୨: ବଲାଙ୍ଗୀର ପଥରଚେପାଠାରେ ବ୍ଲକସ୍ତରୀୟ ଯାଦବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଜିଲା ଯାଦବ ସମାଜ ସଭାପତି ପରମାନନ୍ଦ ହାତୀ ମୁଖ୍ୟଅତିଥି, ଜିଲା ସହ ସମ୍ପାଦକ ମନୋଜ ହାତୀ, ଜିଲା ଯୁବ ଯାଦବ ସଭାପତି ଦିଲୀପ ରାଜପଲିଆ, ପୌରାଞ୍ଚଳ ସମ୍ପାଦକ ଅରକ୍ଷିତ ଜୁଏଡ୍, ଦିନେଶ ନାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲା ଯାଦବ ସମାଜ କ୍ଷେତ୍ରରେ କାମ କରିଥିବା ବିନୋଦ କାଲସାଏ, ସନ୍ଦୀପ ବାଗ, ପ୍ରଶାନ୍ତ ମହାକୁର, ଜୟଦେବ ଜାଲଙ୍କୁ ସମ୍ମାନିତ କରାଯାଇଥିଲା। ତତ୍‌ସଙ୍ଗେ ବ୍ଲକସ୍ତରୀୟ କର୍ମକର୍ତ୍ତା ନିଯୁକ୍ତ କରାଯାଇଥିଲା।

# ୨ ବର୍ଷ ହେଲା କାର୍ଯ୍ୟକ୍ଷମ ହେଉନି

କେସିଙ୍ଗା, ୨୯।୧୨ (ଡି.ଏନ.ଏ.)

**କେସିଙ୍ଗା କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ**

**■ ଭୂତକୋଠି ପାଲଟିଛି କେନ୍ଦୁପତ୍ର କାର୍ଯ୍ୟାଳୟ**

କଳାହାଣ୍ଡି ଜିଲା କେସିଙ୍ଗା ସହରର ଅବକାରୀ ବିଭାଗ ନିକଟ କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ ଗୃହ ଆଜକୁ ୨ ବର୍ଷ ହେବ କାର୍ଯ୍ୟକ୍ଷମ ନ ହୋଇ ଭୂତକୋଠି ହୋଇ ପଡି ରହିଛି। କେସିଙ୍ଗା ରେଞ୍ଜ ଅଧୀନରେ ୬୨ଟି ଫଡି ରହିଛି। ପ୍ରତ୍ୟେକ ଫଡିରୁ କେନ୍ଦୁପତ୍ର ବିଡା ଏହି କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ କେସିଙ୍ଗାରେ ଗଚ୍ଛିତ କରାଯାଇ ଥାଏ। କିନ୍ତୁ ଏହି ନୂତନ ଦୁଇ ମହଲା ବିଲ୍ଡିଂ ଓ ଗୋଦାମ ଗତ ୨୦୧୮ରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆଜି ଯାଏ ପୂର୍ବତନ ରେଞ୍ଜର ହସ୍ତାନ୍ତର କରି ନ ଥିବାରୁ ଭୂତ କୋଠି ଭାବେ ପଡି ରହିଛି। ଏହି ଦୁଇ ମହଲା କାର୍ଯ୍ୟାଳୟ, ରେଞ୍ଜରଙ୍କ ବାସଗୃହ, ଫରେଷ୍ଟର ଓ ଗୋଦାମ ଗୃହ ବିନା ସୂଚନା ଫଳକରେ ନିର୍ମାଣ ଶେଷ ହୋଇଛି। କେନ୍ଦୁପତ୍ର ବିଡା ଖରା ବର୍ଷାରେ


କେସିଙ୍ଗା କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ।

ରଖିବା ପାଇଁ ଘୋର ସମସ୍ୟା ହେଉଛି। ପୂର୍ବତନ ରେଞ୍ଜର ଲକ୍ଷ୍ୟାଧିକ ଟଙ୍କା ଆତ୍ମସାତ କରି ନିଲମ୍ବିତ ହେବାରୁ ଆଜି ଯାଏ ହସ୍ତାନ୍ତର କରି ନ ଥିବା ବିଭାଗୀୟ ପକ୍ଷରୁ ଜଣାପଡିଛି। ଫରେଷ୍ଟ ଗାର୍ଡଙ୍କ ବାସଗୃହରେ କବାଟ, ଝରକା, ବିଦ୍ୟୁତ, ପାନୀୟ ଜଳ ସଂଯୋଗ ମଧ କରାଯାଇ ନାହିଁ। ଦୀର୍ଘ ବର୍ଷ ହେଲା ପୁରୁଣା ରେଞ୍ଜ କାର୍ଯ୍ୟାଳୟ ଆଜବେଷ୍ଟରରେ ନିର୍ମାଣ ହୋଇଥିବାରୁ ଖରା, ବର୍ଷା ଓ ଶୀତରେ କର୍ମଚାରୀମାନେ ବହୁ ଅସୁବିଧାରେ କାମ କରି ଆସୁଛନ୍ତି। ବିନା ସୂଚନା ଫଳକରେ ଏହି ବିଲ୍ଡିଂ ଓ ଗୋଦାମ ନିର୍ମାଣ ହୋଇଥିବାରୁ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ହୋଇଥିବା ଜଣାପଡିଛି। ବିଭାଗୀୟ ଡିଏଫଓ ଏଥିପ୍ରତି ମଧ ଦୃଷ୍ଟି ଦେଇ ନ ଥିବାରୁ ଅକାମୀ ହୋଇ ଲକ୍ଷାଧିକ ଟଙ୍କାର ବିଲ୍ଡିଂ, ବାସଗୃହ ଓ ଗୋଦାମ ଭୂତ କୋଠି ହୋଇପଡି ରହିଛି। ଏ ସଂକ୍ରାନ୍ତରେ କେସିଙ୍ଗା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଆଶୁତୋଷ ନନ୍ଦଙ୍କୁ ପଚାରିବାରୁ ଆଜକୁ ୧୧ ମାସ ହେଲା ପୂର୍ବତନ ରେଞ୍ଜର ନିଲମ୍ବିତ ହୋଇ କାର୍ଯ୍ୟରେ ଅନ୍ୟତ୍ର ଯୋଗଦେବା ପରେ ମଧ ଏହି ସବୁ ହସ୍ତାନ୍ତର କରିନାହାନ୍ତି କି ଅଫିସର କାଗଜପତ୍ର ବି ଚାର୍ଜ ବି ଦେଇନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

# ରାଜ୍ୟ ସରକାରଙ୍କ ନାଁରେ ଅଭିଯୋଗ କଲା ଭାଜପା

ବଲାଙ୍ଗୀର ଅଫିସ, ୨୯।୧୨

କେନ୍ଦ୍ର ସରକାରଙ୍କ କୌଣସି ସ୍ଥାୟୀ ଯୋଜନାର ନାଁକୁ ରାଜ୍ୟ ସରକାର ପରିବର୍ତ୍ତନ କରିପାରିବେ ନାହିଁ କିମ୍ବା ସେହି ଯୋଜନା ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରିପାରିବେ ନାହିଁ ବୋଲି ଆଇନ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି। ହେଲେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡିଶା ରାଜ୍ୟ ସରକାର ଏହାକୁ ଉଲ୍ଲଂଘନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଫଳକରେ ଛୋଟ ଅକ୍ଷରରେ ପ୍ର.ଆ.ଯୋ. (ଗ୍ରାମୀଣ) ଲେଖାଥିବାବେଳେ ଚଞ୍ଚକତା କରି ବିଜୁବାବୁଙ୍କ ଫଟୋ ଲୋଗୋ ସହ ବଡ ବଡ ଅକ୍ଷରରେ ବିଜୁ ପକ୍କାଘର ଯୋଜନା ଲେଖି ନିର୍ମିତ ଗୃହରେ ଷ୍ଟିକର ମାରୁଛନ୍ତି। ଇନ୍ଦିରା ଆବାସ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପକ୍କାଘରେ ଏବେ ବିଜୁ ପକ୍କାଘର ଷ୍ଟିକର ମାରି ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ଯୋଜନା ବୋଲି ପ୍ରଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିବା ଏକଟିଠି ବାଣ୍ଟିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁପକ୍କା ଘର ଯୋଜନା ଭାବେ ପ୍ରଚାର କରିବା ବିରୋଧରେ ମଙ୍ଗଳବାର ଟାଉନ୍ ଥାନାରେ ଜିଲା ଭାଜପା କର୍ମକର୍ତ୍ତା ଓ ସଦସ୍ୟମାନେ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏହା ଆଇପିସିର ୪୨୦ ଧାରା ଅନୁସାରେ ଠକେଇ ଓ ଦଣ୍ଡନୀୟ ଅପରାଧ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି। ଭାଜପା ନେତା ଅନନ୍ତ କୁମାର ଦାଶ, ଫିରୋଜା ବିବି, ଆରତୀ ଗୁରୁ, ଦିନେଶ ଶର୍ମା, ଚିତ୍ତ ମିଶ୍ର, ପୀତାମ୍ବର ଖମାରୀ, ବାସନ୍ତୀ ଜେନା, ସୌଦାମିନୀ ମିଶ୍ର, ସୁନୀଲ କୁମାର ମିଶ୍ର ଟାଉନ୍ ଥାନାକୁ ଯାଇ ଆଇଆଇସି ସଂଗ୍ରାମ ପଟ୍ଟନାୟକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

# ଶକ୍ତିମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ସରପଞ୍ଚ

ଜୁନାଗଡ, ୨୯।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତକୁ ସ୍ଥାନୀୟ ୩୩ କେଭି ଷ୍ଟ୍ରକ୍ଟରରୁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ୍ ସଂଯୋଗ କରିବାକୁ ମଙ୍ଗଳବାର ରାଜ୍ୟ ଶକ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରକୁ ଚିଟୈଗୁଡା ପଞ୍ଚାୟତବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ସୁଧିରା

**୩୩ କେଭି ଷ୍ଟ୍ରକ୍ଟରରୁ ଚିଟୈଗୁଡା ପଞ୍ଚାୟତକୁ ସ୍ୱତନ୍ତ୍ର ବିଦ୍ୟୁତ୍ ସଂଯୋଗ ଦାବି**

ମେହେର ଓ ପୂର୍ବତନ ପ୍ରଧାନ ଶିକ୍ଷକ ବନମାଳୀ ମେହେର ଶକ୍ତିମନ୍ତ୍ରୀ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଜୁନାଗଡ ବ୍ଲକ ଚିଟୈଗୁଡାଠାରେ ସ୍ଥାପିତ ନୂତନ ୩୩ କେଭି ଷ୍ଟ୍ରକଚ୍‌ର ଗତ କିଛିମାସ ତଳେ କାର୍ଯ୍ୟକ୍ଷମ ହୋଇଛି। ଏହି ଷ୍ଟ୍ରକଚର ଜରିଆରେ ଅଞ୍ଚଳର ବିଭିନ୍ନ ଗ୍ରାମକୁ ବିଦ୍ୟୁତ ଯୋଗାଣ କରାଯାଉଛି। ଚିଟୈଗୁଡା ପଞ୍ଚାୟତକୁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନାହିଁ। ଫଳରେ ପଞ୍ଚାୟତବାସୀ ନିୟମିତ ବିଜୁଳି ପାଇବାରୁ ବଞ୍ଚିତ ହେଉଥିବାବେଳେ ଅଧିକାଂଶ ସମୟରେ


ଶକ୍ତିମନ୍ତ୍ରୀ କ୍ୟାପଟେନ୍ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଜୁଳି ବିଭ୍ରାଟ ଦେଖାଦେଉଛି। ଏହାର ସମାଧାନ ପାଇଁ ସ୍ୱତନ୍ତ ଭାବେ ୩୩ କେଭି ଷ୍ଟ୍ରକ୍ଟରରୁ ସିଧାସଳଖ ଚିଟୈଗୁଡା ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ଦିଆଯିବା ପାଇଁ ମନ୍ତ୍ରୀଙ୍କୁ ଦାବି କରାଯାଇଛି। ଶକ୍ତିମନ୍ତ୍ରୀ ମିଶ୍ର ଦାବିପତ୍ର ପାଇବା ପରେ ବିଦ୍ୟୁତ୍ ବିଭାଗ ଏସ୍ଇଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ କହିଛନ୍ତି।

# ମା' ମାଣିକେଶ୍ୱରୀ ମନ୍ଦିର ଖୋଲିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ହୋଇନି

ଭବାନୀପାଟଣା,୨୯।୧୨ (ଡି.ଏନ.ଏ.)

କରୋନା କଟକଣା ପାଇଁ ମନ୍ଦିର ବନ୍ଦ ରହିଥିବାରୁ ଭବାନୀପାଟଣାର ପ୍ରମୁଖ ମନ୍ଦିର ସବୁ ଖାଁ ଖାଁ ପାଲଟିଛି। କାର୍ତ୍ତିକ ମାସ ଆରମ୍ଭରୁ ଭବାନୀପାଟଣାରେ ପର୍ଯ୍ୟଟକଙ୍କ ଭିଡ ଲାଗେ। କିନ୍ତୁ ଏ ବର୍ଷ ସବୁକିଛି ବଦଳି ଯାଇଛି। ଭବାନୀପାଟଣାରେ ୧୫ରୁ ଉର୍ଦ୍ଧ୍ୱ ମନ୍ଦିର ରହିଛି। ଏଠି ପୂଜା ପାଉଛନ୍ତି ମା' ମାଣିକେଶ୍ୱରୀ, ପ୍ରଭୁ ଜଗନ୍ନାଥ ବଳଭଦ୍ର ସୁଭଦ୍ରା, ଗଣେଶ, ଶନି ଦେବ, ହନୁମାନ, ଶିବ, ଭଣ୍ଡେଶ୍ୱର, ରାମସ୍ୱାମୀ, ରାଧାକ୍ରିଷ୍ଣ, ତ୍ରିନାଥ, ଜଳେଶ୍ୱର, ଶିରିଡି ସାଇ ଭଳି ଅନେକ ଦେବଦେବୀ। କରୋନା କଟକଣା କାରଣରୁ ଭକ୍ତମାନେ ଦର୍ଶନ ନ କରି ନିରାଶରେ ଫେରି ଯାଉଛନ୍ତି। ମନ୍ଦିର ବନ୍ଦ ଥିବାରୁ ପୂଜକ ଓ ସେବାୟତମାନେ ଆର୍ଥିକ ସମସ୍ୟା ମଧରେ ଗତି କରୁଛନ୍ତି। କେବଳ ସେବାୟକ ନୁହଁନ୍ତି ମନ୍ଦିର ବାହାରେ ଥିବା ପୂଜା ଦୋକାନୀମାନେ ମଧ କ୍ଷତିର ଶିକାର ହେଉଛନ୍ତି। ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଓ ସମ୍ବଲପୁର ସମଲେଇ ମନ୍ଦିର ଖୋଲିବା ପରେ ଭବାନୀପାଟଣାର ବିଭିନ୍ନ ମନ୍ଦିର ଖୋଲିବ ବୋଲି ଆଶା ପ୍ରକାଶ ପାଇଥିଲା। କିନ୍ତୁ ଏଯାଏଁ କୌଣସି ମନ୍ଦିର ଖୋଲିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇ ନ ଥିବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭକ୍ତମାନେ ମା' ମାଣିକେଶ୍ୱରୀଙ୍କ ମନ୍ଦିର ବାହାର ଗେଟରେ ହିଁ ପୂଜା କରି ମା'ଙ୍କୁ ଦର୍ଶନ ନ କରି ଚାଲିଯାଉଥିବା ଦେଖିବାକୁ ମିଳୁଛି।

# ଆଞ୍ଚଳିକସ୍ତରୀୟ ପରାମର୍ଶ ଶିବିର


ଶିବିରକୁ ଆସିଥିବା ଯୁବତୀଯୁବକମାନେ ପଞ୍ଜୀକୃତ କରୁଛନ୍ତି।

କର୍ଲାମୁଣ୍ଡା, ୨୯।୧୨ (ଡି.ଏନ.ଏ.)

**ଦିନ ଦୟାଲ ଉପପାଧ ଗ୍ରାମୀଣ କୌଶଲ୍ୟ ଯୋଜନା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଦୟାଲ ଉପାଧ୍ୟ ଗ୍ରାମୀଣ କୌଶଲ୍ୟ ଯୋଜନା ଜରିଆରେ ଆଞ୍ଚଳିକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ଅରବିନ୍ଦ ଚୌଧୁରୀ, ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ସ.ମାଲପଡା ସମିତିସଭ୍ୟ ଯଶୋବନ୍ତ ସାହୁ, ଓରମାସ କଳାହାଣ୍ଡିର ଜିଲା (ସ୍କିଲ) ସଂଯୋଜକ ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଯୁବତୀଯୁବକମାନଙ୍କ ପାଇଁ ଆତ୍ମ ନିଯୁକ୍ତି ନିମନ୍ତେ ସରକାରଙ୍କ ପକ୍ଷରୁ ଥିବା ସୁବିଧା ସୁଯୋଗ ଉପରେ ବୁଝାଇଥିଲେ। ଶିବିରରେ ଭୁବନେଶ୍ୱର ଓମ୍‌ନିସଫ୍ଟ ଟେକନୋଲୋଜି, ବଳରାମ ପଣ୍ଡା ଟ୍ରଷ୍ଟ, କ୍ୟୁଏସ ସଂସ୍ଥା ପକ୍ଷରୁ କର୍ମଚାରୀମାନେ ଯୋଗଦେଇ ଯୁବତୀଯୁବକମାନଙ୍କୁ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଶିବିରଟିରେ (ଓଏଲ୍ଏମ୍) ଓଡିଶା ଜୀବନ ଜୀବିକା ମିଶନ କର୍ଲାମୁଣ୍ଡାର ଭାରପ୍ରାପ୍ତ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଲଳିତ ମୋହନ ବିଶି ପରିଚାଳନା କରିଥିବା ବେଳେ ଓରମାସ, ଓଏଲଏମ ଓ ପଞ୍ଚାୟତ ସମିତି କର୍ଲାମୁଣ୍ଡା ଆୟୋଜନ କରିଥିଲେ। ସେହିପରି ମଙ୍ଗଳବାର ଖଲିଆପାଲି ଶିବ ମନ୍ଦିରଠାରେ ମଧ ପରାମର୍ଶ ଶିବିର ହେବାକୁ ଥିବା ଲଳିତ ମୋହନ ବିଶି ସୂଚନା ଦେଇଛନ୍ତି।

# ବ୍ଲକ ଅଫିସ ସମ୍ମୁଖରେ ଭାଜପାର ପ୍ରତିବାଦ ସଭା

ଲୋଇସିଂହା,୨୯।୧୨(ଡି.ଏନ.ଏ)

ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚଞ୍ଚକତା କରୁଛନ୍ତି। ୨୦୨୨ସୁଦ୍ଧା କେନ୍ଦ୍ର ସରକାର ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ସଂକଳ୍ପ ନେଇଥିବା ବେଳେ ରାଜ୍ୟ ସରକାର ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରୁଛନ୍ତି। ଏହିଭଳି ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ମଙ୍ଗଳବାର ଆୟୋଜିତ ପ୍ରତିବାଦ ସଭାରେ ବକ୍ତବ୍ୟ ରଖି ମହାଲିଙ୍ଗ କହିଛନ୍ତି ଯେ, ବ୍ଲକ ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତି ଚାଲିଛି। ପିପିଲି ଚେକଡ୍ୟାମ ଏହାର ଉଦାହରଣ। ଆଉ ଏସବୁଥିରେ ବିଡିଓ ହିଁ ମୁଖ୍ୟ କାର୍ପଟଦାର


ବ୍ଲକ ପରିସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକ ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖୁଛନ୍ତି।

ସାଜିଛନ୍ତି। ଏହି ଦୁର୍ନୀତିର ଭିଜିଲାନ୍ସସ୍ତରୀୟ ତଦନ୍ତ ସହ ବିଡିଓଙ୍କୁ ବହିଷ୍କାର କରିବାକୁ ଏହି ଅବସରରେ ସେ ଦାବି କରିଥିଲେ। ଦେଢମାସ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଲୋକଙ୍କ ହକ ଓ ଅଧିକାରୀ ଲାଗି ରାସ୍ତାରେ ଲଢେଇ ଜାରି ରହିବ ବୋଲି ବିଧାୟକ ମହାଲିଙ୍ଗ ଚେତାବନୀ ଦେଇଥିଲେ। ଏଥି ସହିତ ପରୀ ହତ୍ୟା ଘଟଣାରେ ରାଜ୍ୟ ସରକାରଙ୍କ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇ ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ଦାବି କରିଥିଲେ। ପ୍ରତିବାଦ ସଭାରେ ଭୂତନାଥ ନାଏକ ଅଧ୍ୟକ୍ଷତା କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ବ୍ଲକ ଅଫିସ ଯାଏ ଯାଇଥିଲେ।

# ୧୫୦ ବୁଣାକାରଙ୍କ ଚକ୍ଷୁ ପରୀକ୍ଷା

ସୋନପୁର,୨୯।୧୨(ନି.ପ୍ର.)

ସୋନପୁର ବ୍ଲକ ବାଘପାଲିରେ ବୁଣାକାର ଓ ଆନୁଷଙ୍ଗିକ କର୍ମୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ସହାୟତାରେ ୧୫୦ ଜଣ ବୁଣାକାର ଓ ଆନୁଷଙ୍ଗିକ କର୍ମୀଙ୍କ ଚକ୍ଷୁ ପରୀକ୍ଷା ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ସର୍ବଭାରତୀୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ସୁନେତ୍ର) ଯୋଜନାରେ ବାଘପାଲି ଗ୍ରାମ ମହାଲକ୍ଷ୍ମୀ ପ୍ରାଥମିକ ବୁଣାକାର ସମବାୟ ସମିତିରେ ଏହି ଶିବିର ଆୟୋଜିତ ହୋଇଥିଲା। ସୋନପୁର ବୟନ ଶିଳ୍ପ ଉପନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଦିଲୀପ ବାଗ, ଭାରପ୍ରାପ୍ତ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତିଙ୍କ ସମେତ ମହାଲକ୍ଷ୍ମୀ ପ୍ରାଥମିକ ବୁଣାକାର ସମବାୟ ସମିତିର କର୍ମକର୍ତ୍ତା ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ସେପ୍‌ଟେଜ୍ ବିଶୋଧନ କେନ୍ଦ୍ରର ଶିଳାନ୍ୟାସ

କଣ୍ଟାବାଞ୍ଜି, ୨୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍ଏସି ପକ୍ଷରୁ ନିର୍ମାଣ ହେବାକୁ ଥିବା ସେପ୍‌ଟେଜ୍ ବିଶୋଧନ କେନ୍ଦ୍ର ପାଇଁ ସୋମବାର ବିଧାୟକ ସନ୍ତୋଷ ସିଂ ସାଲୁଜା ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ଅଢେଇ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏନ୍ଏସି ଅଧୀନ ୱାର୍ଡ ନଂ.୧୪ ଚିଲ୍‌ଡ୍ରେନ ପାର୍କ ନିକଟରେ ଏହି କେନ୍ଦ୍ର ନିର୍ମାଣ କରାଯିବ। ବିଶୋଧନ କେନ୍ଦ୍ର ନିର୍ମାଣ ପରେ ସହରର ସମସ୍ତ ବ୍ୟବହୃତ ସେପ୍‌ଟିକ୍ ଟାଙ୍କିର ମଇଳା ଏବଂ ପାଣି ଚାଷୋପଯୋଗୀ ହୋଇପାରିବ। ଏନ୍ଏସି ନିର୍ବାହୀ ଅଧିକାରୀ ସାମ୍ପିରେଡ୍ଡି ଜୟଶ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତହସିଲଦାର ଅଶୋକ କୁମାର ମାଝି, ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। ସି.ଓ. ଜ୍ୟୋସ୍ନାମୟୀ ବାରିକ, ଇଂ. ଆଦିତ୍ୟ ମିଶ୍ର, ନୋଡାଲ ଅଫିସ ଚନ୍ଦ୍ରଶେଖର ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବିଧାୟକ ସନ୍ତୋଷ ସିଂ ସାଲୁଜା ବିଶୋଧନ କେନ୍ଦ୍ରର ଶିଳାନ୍ୟାସ କରୁଛନ୍ତି।

# ଅନୁଦାନର ତ୍ୱରିତ ବିନିଯୋଗ ଦାବି କଲେ ଜନପ୍ରତିନିଧି

ଦେଓଗାଁ,୨୯।୧୨(ଡି.ଏନ.ଏ.)

**ଦେଓଗାଁ ପଞ୍ଚାୟତ ସମିତି ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେରଙ୍କ ଅଧ୍ୟକ୍ଷତା ଓ ଭାରପ୍ରାପ୍ତ ବିଡିଓ ରୁଦ୍ରପ୍ରସାଦ ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ ବ୍ଲକକୁ ଆସୁଥିବା ସରକାରୀ ଅନୁଦାନର ଉଚିତ ବିନିଯୋଗ କରିବାକୁ ଦାବି କରିଥିଲେ। ସହକାରୀ ଯନ୍ତ୍ରୀ ମୋହନ ମହାଲିକଙ୍କ ସ୍ୱାଗତ ଭାଷଣ ପରେ ଗ୍ରାମପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ ପୂର୍ବ ବୈଠକରେ ଅନୁମୋଦିତ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ( ସିଏଫ୍‌ସି ) ଓ ରାଜ୍ୟ ପଞ୍ଚମ ଅର୍ଥ କମିଶନ(ଏସ୍ଏଫ୍‌ସି)ଯୋଜନାରେ ଆସିଥିବା ପାଣ୍ଠିକୁ ନେଇ ନିର୍ଦ୍ଧାରିତ ପ୍ରକଳ୍ପଗୁଡିକର ବିବରଣୀ ପାଠ କରିଥିଲେ। ଆଜକୁ ୮ମାସ ହେଲା ବ୍ଲକକୁ ବନ୍ୟା କ୍ଷୟକ୍ଷତିର ମରାମତି ପାଇଁ ଆସିଥିବା(ଏଫ୍‌ଡିଆର୍ ) ଅନୁଦାନ ୧କୋଟି ୫୪ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। ଏପରି କି ୧୧ଟି ସାମୂହିକ ଖଳା ନିର୍ମାଣ ପାଇଁ ୮୦ଲକ୍ଷ ୫୦ହଜାର


ଦେଓଗାଁ ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି।

ଟଙ୍କା ଅଟକି ରହିଛି। ଏହାକୁ ନେଇ ଗୃହରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଣୁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରା ନ ଗଲେ ସରପଞ୍ଚ ଓ ସମିତି ସଭ୍ୟମାନେ ଅସହଯୋଗ ଆନ୍ଦୋଳନ କରିବେ ବୋଲି ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ସୂଚନା ଦେଇଥିଲେ। ଏମ୍‌ପି ପ୍ରତିନିଧି ଅମିତ କୁମାର ସିଂନିନା, ବଲାଙ୍ଗୀର ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ବ୍ଲକ ପ୍ରଶାସନ ଓ ଗୃହର ନିଷ୍ପତ୍ତି ଅନୁସାରେ ପାଣ୍ଠି ବିନିଯୋଗ କରିବା ପାଇଁ ସହମତି ପ୍ରକାଶ କରିବାରୁ ଏଫ୍‌ଡିଆର୍ ପାଣ୍ଠି ଖର୍ଚ୍ଚ ନେଇ ଆଶା ସଞ୍ଚାର ହୋଇଛି। ଏହି ପାଣ୍ଠିରେ ବ୍ଲକର ୨୬ ପଞ୍ଚାୟତର ବିଭିନ୍ନ ଗାଁରେ ୧୬୫ଟି ରାସ୍ତା ମରାମତି, ୭ଟି ସ୍କୁଲ କୋଠା, ଅଙ୍ଗନୱାଡି କୋଠରି ମରାମତି ମିଶି ମୋଟ ୧୭୮ଟି ପ୍ରକଳ୍ପ ପାଇଁ ୧କୋଟି ୫୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ(କ) ମୃତ୍ୟୁଞ୍ଜୟ ରାଉତ ବ୍ଲକରେ ପାନୀୟ ଜଳ ଯୋଗାଣର ସ୍ଥିତି ଉପରେ ବୈଠକକୁ ଅବଗତ କରିଥିଲେ। ଏମ୍‌ପି ପ୍ରତିନିଧି ସିଂନିନା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ସାମୂହିକ ଶୌଚାଳୟ ଏବଂ ମୁରସିଂରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବା ପାଇଁ ଗୃହର ଦୃଷ୍ଟିଆକର୍ଷଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସଂକୀର୍ତ୍ତନ ବାଗ କହିଥିଲେ ଯେ, ଧଣ୍ଡାମାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲେ ହେଁ ଗୋଟିଏ ମାତ୍ର କୋଠରି ରହିଛି। ଏଣୁ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଭୀମଡୁଙ୍ଗୁରୀର ଭୀମକଟା, କରୁଆଝରର ଜାଜେରମୁଣ୍ଡା, କୁନ୍ଦେଇମାଲ, ବିଳାସପୁର ଆଦି ଗାଁରେ ଥିବା ବୃହତ ଜଳାଶୟର ରକ୍ଷଣାବେକ୍ଷଣ ଅଭାବରୁ କାମରେ ଆସୁନାହିଁ। ଏଣୁ ଏହାକୁ କ୍ଷୁଦ୍ରଜଳସେଚନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ସରପଞ୍ଚ ଦୟାନିଧି ଖମାରୀ ପ୍ରସ୍ତାବ ଦେଇଥିଲେ। ଦେଓଗାଁରେ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ଓ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ସ୍ଥାନୀୟ ସରପଞ୍ଚ ନିନା ଛତ୍ରିଆ ପ୍ରସ୍ତାବ ଆଗତ କରିଥିଲେ। ଦେଷଣ୍ଡ ନିକଟରେ ଥିବା ଚାନ୍ଦଲି ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଦାବି ଉଠିଥିଲା। ବୈଠକରେ ୨୬ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟାସଭ୍ୟ, ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।